ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ମାର୍ଚ୍ଚ ୨୫ରୁ ସମସ୍ତ ଏସ୍.ଟି.ଏସ୍.ସି ହଷ୍ଟେଲ୍ ବନ୍ଦ ରହିବ

**ଭୁବନେଶ୍ୱର : ୨୦ ମାର୍ଚ୍ଚ,୨୦୨୦**

କରୋନା ଭୂତାଣୁର ସଂକ୍ରମଣର ପ୍ରତିକାରମୂଳକ ବ୍ୟବସ୍ଥା ସ୍ୱରୂପ ରାଜ୍ୟର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ସମସ୍ତ ହଷ୍ଟେଲ୍‌କୁ ମାର୍ଚ୍ଚ ୨୫ ତାରିଖରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ବନ୍ଦ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି ।

ସଂପ୍ରତି ଆବାସିକ ବିଦ୍ୟାଳୟଗୁଡ଼ିକରେ ପଢୁଥିବା ପ୍ରାୟ ୬ ଲକ୍ଷ ଛାତ୍ରଛାତ୍ରୀ ହଷ୍ଟେଲ୍ ଖାଲି କରିବେ । ଅନ୍ତେବାସୀ ଛାତ୍ରଛାତ୍ରୀମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ତଥା ଆନୁଷଙ୍ଗିକ ଖର୍ଚ୍ଚ ନିମନ୍ତେ ପ୍ରୋତ୍ସାହନ ରୂପେ ଆଗୁଆ ତିନି ମାସର ପ୍ରାକ୍ ମାଟ୍ରିକ୍ ବୃତ୍ତି ପ୍ରଦାନ କରାଯିବ । ଛାତ୍ରମାନଙ୍କୁ ୨୨୫୦ ଟଙ୍କା ଏବଂ ଛାତ୍ରୀମାନଙ୍କୁ ୨୪୦୦ ଟଙ୍କା ହିସାବରେ ସହାୟତା ରାଶି ପିତାମାତା କିମ୍ବା ଅଭିଭାବକମାନଙ୍କୁ ଦିଆଯିବ ।

ଏହି ପଦକ୍ଷେପ ଦ୍ୱାରା ସମସ୍ତ ହଷ୍ଟେଲ ଯଥା ସେବାଶ୍ରମ, ଆଶ୍ରମ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ, ଅନ୍ୱେଷା ଏବଂ ଏଜୁକେସନ କମ୍ପ୍ଲେକ୍ସର ଅନ୍ତେବାସୀ ଛାତ୍ରଛାତ୍ରୀମାନେ ଲାଭାନ୍ୱିତ ହେବେ ।

ଉପରୋକ୍ତ ସହାୟତା ରାଶି ଛାତ୍ରଛାତ୍ରୀଙ୍କ ପିତାମାତା କିମ୍ବା ଅଭିଭାବକମାନେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କଠାରୁ ଗ୍ରହଣ କରିବେ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା ପ୍ରକାଶ କରିଛନ୍ତି ।

ଡ. ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ